# NATIONAL NEWS BULLETIN (ODIA)

**13 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆଇଜଲ ଏବଂ ମିଜୋରାମରେ ୯ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କଲେ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ ।

  \- କହିଲେ ଉତ୍ତର ପୂର୍ବାଞ୍ଚଳର ବିକାଶ ହେଲେ ଭାରତର ଅର୍ଥନୀତିର ବିକାଶ ହେବ ।

- ନେପାଳର ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

- ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିଛି ବିଜେପି ଓ ଏନ୍‌ଡିଏ - କହିଲେ ବିହାର ଉପମୁଖ୍ୟମନ୍ତ୍ରୀ ।

- କର୍ଣ୍ଣାଟକର ହସନ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୯ କୁ ବୃଦ୍ଧି ।

ଏବଂ

- ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ମୁହାଁମୁହିଁ ହେବେ ଶ୍ରୀଲଙ୍କା ଓ ବାଂଲାଦେଶ ।

# ପିଏମ୍ ମିଜୋରାମ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଇଜଲ ଏବଂ ମିଜୋରାମରେ ୯ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ବହୁବିଧ ପ୍ରକଳ୍ପଗୁଡ଼ିକ ମଧ୍ୟ ରେଳ, ସଡ଼କ, ଶକ୍ତି, କ୍ରୀଡ଼ା ଆଦି ରହିଛି । ଶ୍ରୀ ମୋଦୀ ମଧ୍ୟ ଭୈରବୀ-ସାଇରଙ୍ଗ ରେଳ ଲାଇନକୁ ଉଦ୍‌ଘାଟନ କରିଛନ୍ତି । ୮ହଜାର କୋଟି ଟଙ୍କାର ଏହି ରେଳ ପ୍ରକଳ୍ପ ମିଜୋରାମ ରାଜଧାନୀ ଆଇଜଲକୁ ପ୍ରଥମଥର ପାଇଁ ସଂଯୋଗ କରିବ ।  ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ରେଳ ଲାଇନ୍‌ରେ ମୋଟ୍ ୪୫ଟି ଟନେଲ୍ ଥିବାବେଳେ ୫୫ଟି ସେତୁ ରହିଛି । ନୂଆ ରେଳଲାଇନ୍ ମିଜୋରାମର ଲୋକମାନଙ୍କୁ କେବଳ ରେଳ ସଂଯୋଗୀକରଣ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବ ନାହିଁ, ବରଂ ସେମାନଙ୍କ ଜୀବନଶୈଳୀରେ ବଡ଼ ପରିବର୍ତ୍ତନ ଆଣିବ । ସାଇରଙ୍ଗ-ଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ସମେତ ମିଜୋରାମ ଏକ୍ସପ୍ରେସ୍ ଦୈନିକ ଗୌହାଟୀ ଏବଂ ଅନ୍ୟ ଏକ ଟ୍ରେନ୍ କୋଲକାତା ଯାତ୍ରା କରିବ ବୋଲି ସୂଚନା ମିଳିଛି । ଏହି ରେଳପ୍ରକଳ୍ପ ଉଦ୍‌ଘାଟନ ହେବା ଦ୍ୱାରା ମିଜୋରାମର କୃଷକ ଏବଂ ବ୍ୟବସାୟୀମାନେ ଉପକୃତ ହେବା ସହ ସେମାନଙ୍କୁ ଅଧିକ ବଜାର ସୁବିଧା ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଉତ୍ତର ପୂର୍ବାଞ୍ଚଳର ବିକାଶରେ ଭାରତର ଅର୍ଥନୀତିର ବିକାଶ ହେବାସହ ଦେଶ ବିଶ୍ୱରେ ତା'ର ସ୍ଥିତି ଜାହିର କରିପାରିବ । ଗତ ୧୧ବର୍ଷ ମଧ୍ୟରେ ସରକାର ଉତ୍ତର ପୂର୍ବାଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରି ଆସୁଛନ୍ତି ।

ପ୍ରଥମଥର ପାଇଁ ଏହି ଅଞ୍ଚଳରେ ଗ୍ରାମ୍ୟସଡ଼କ, ରାଜପଥ, ମୋବାଇଲ ସଂଯୋଗ, ଇଣ୍ଟରନେଟ୍ ସଂଯୋଗ, ବିଜୁଳି, ପିଇବା ପାଣି ଏବଂ ଏଲ୍‌ପିଜି ସଂଯୋଗ ବ୍ୟବସ୍ଥାର ସଂପ୍ରସାରଣ ହୋଇପାରିଛି । କେନ୍ଦ୍ର ସରକାର ଏହି ଅଞ୍ଚଳର ବିକାଶ ପାଇଁ କଠିନ ପରିଶ୍ରମ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ସାଧାରଣ ଲୋକଙ୍କ ଜୀବନଶୈଳୀକୁ ସୁବିଧା କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରୁଛନ୍ତି । କ୍ଷୁଦ୍ର ବ୍ୟବସାୟୀମାନେ ଯେପରି ଲାଭାନ୍ୱିତ ହୋଇପାରିବେ ସେ ଦିଗରେ ସରକାର ପରବର୍ତ୍ତୀ ପିଢ଼ୀର ଜିଏସ୍‌ଟି ସଂସ୍କାର ଆଣିଛନ୍ତି । ଅନେକଗୁଡ଼ିଏ ଦୈନନ୍ଦିନ ସାମଗ୍ରୀ ଉପରେ ଜିଏସ୍‌ଟି ହାର ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଥିବାବେଳେ ଟୁଥ୍‌ପେଷ୍ଟ ଏବଂ ସାବୁନ୍‌ରେ ଜିଏସ୍‌ଟି ପରିମାଣ ୨୭ପ୍ରତିଶତରୁ ମାତ୍ର ୫ ପ୍ରତିଶତକୁ ହ୍ରାସ କରାଯାଇଛି । ୨୦୨୫-୨୬ ପ୍ରଥମ ତ୍ରୈମାସିକ ରିପୋର୍ଟରେ ଅଭିବୃଦ୍ଧିହାର ୭ ଦଶମିକ ୮ ପ୍ରତିଶତ ରହିଛି । ଅପରେସନ ସିନ୍ଦୂର ଅଭିଯାନକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତୀୟ ସେନା ଆତଙ୍କବାଦକୁ ରୋକିବା ପାଇଁ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି । ସମଗ୍ର ଦେଶ ଭାରତୀୟ ସେନା ପାଇଁ ଗର୍ବ ଅନୁଭବ କରୁଥିବା ଶ୍ରୀ ମୋଦୀ କହିଛନ୍ତି । ଏହି ଅଭିଯାନରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧାସ୍ତ୍ର ତା'ର ପରାକ୍ରମ ଦେଖାଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପିଏମ୍-ମଣିପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଇଜଲଠାରୁ ଇମ୍ଫାଲରେ ଯାଇ ପହଞ୍ଚିଛନ୍ତି । ପରେ ସେ ଚୁରାଚାନପୁର ଜିଲ୍ଲାର ସଡ଼କ ପଥରେ ଯାତ୍ରା ଆରମ୍ଭ କରିଛନ୍ତି । ସେ ସେଠାରେ ପହଞ୍ଚି ବିସ୍ଥାପିତ ଲୋକମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପରେ ସେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ୭ହଜାର ୩୦୦କୋଟି ଟଙ୍କା ମୂଲ୍ୟର ବିବିଧ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ବୋଲି ଜଣାପଡିଛି । ଏହାପରେ ପ୍ରଧାନମନ୍ତ୍ରୀ ଇମ୍ଫାଲକୁ ପ୍ରତ୍ୟାବର୍ତ୍ତନ କରି କାଙ୍ଗଲା ଫୋର୍ଟଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ । ଏହାସହ ୧୨ଶହ କୋଟି ଟଙ୍କାର ବହୁବିଧ ପ୍ରକଳ୍ପଗୁଡ଼ିକର ସେ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

# ପିଏମ୍-ନେପାଳ ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳରେ ସୁଶୀଳା କାର୍କୀଙ୍କ ନେତୃତ୍ୱରେ ନୂଆ ମଧ୍ୟବର୍ତ୍ତୀକାଳୀନ ସରକାରକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଭାରତ’ ନେପାଳରେ ଶାନ୍ତି, ବିକାଶ ଏବଂ ପ୍ରଗତି ଆଣିବାରେ ଦୃଢ଼ ସମର୍ଥନ ଦେବ । ଭାରତ ସର୍ବଦା ନେପାଳ ଜସାଧାରଣଙ୍କ ସହ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ବିହାର ଇଲେକ୍ସନ

ବରିଷ୍ଠ ବିଜେପି ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ କହିଛନ୍ତି କହିଛନ୍ତି ଆସନ୍ତା ବିହାର ବିଧାନସଭା ନିର୍ବାଚନରେ ନୀତିଶକୁମାର ଏନ୍‌ଡିଏ ପକ୍ଷରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିବେ । ଆକାଶବାଣୀକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେଇ ଶ୍ରୀ ଚୌଧୁରୀ କହିଛନ୍ତି ବିଜେପି ଏବଂ ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ନୀତିଶ କମୁାରଙ୍କ ପ୍ରତି ପୂର୍ଣ୍ଣ ବିଶ୍ୱାସ ରହିଛି ଏବଂ ତାଙ୍କ ନେତୃତ୍ୱରେ ଆମେ ନିର୍ବାଚନ ଲଢ଼ିବୁ ।

**V/O (Samrat Bihar)**

ଉପମୁଖ୍ୟମନ୍ତ୍ରୀ କହିଛନ୍ତି ସ୍ପେସିଆଲ ଇଣ୍ଟେନସିଭ ଚିଭିଜନ ଚଳିତ ନିର୍ବାଚନରେ ପ୍ରସଙ୍ଗ ରହିବ ନାହିଁ । ଏଥର ବିକାଶ ହିଁ ନିର୍ବାଚନର ପ୍ରସଙ୍ଗ ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

# କୋଷ୍ଟଗାର୍ଡ-ସମିତ

ଭାରତ ଆସନ୍ତା ୨୦୨୭ ମସିହାରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚମ ତଟରକ୍ଷୀ ବାହିନୀର ବିଶ୍ୱସ୍ତରୀୟ ସମ୍ମିଳନୀର ଆୟୋଜନ କରିବାକୁ ସୁଯୋଗ ପାଇଛି । ସାମାଜିକ ଗଣମାଧମରେ ପୋଷ୍ଟ କରି ତଟରକ୍ଷୀ ବାହିନୀ ପକ୍ଷରୁ କୁହାଯାଇଛି ଇଟାଲୀର ରୋମ୍‌ଠାରେ ଅନୁଷ୍ଠିତ ଚତୁର୍ଥ ତଟରକ୍ଷୀ ବାହିନୀ ବିଶ୍ୱସ୍ତରୀୟ ସମ୍ମିଳନୀରେ ଭାରତ ଏହି ବିଡ୍‌ରେ ବିଜୟୀ ହୋଇଥିଲା ।

# କର୍ଣ୍ଣାଟକ-ଆକ୍ସିଡେଣ୍ଟ

କର୍ଣ୍ଣାଟକର ହସନ୍ ଜିଲ୍ଲାରେ ଗତ ସନ୍ଧ୍ୟାରେ ଗଣେଶମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ଚାଲିଥିବା ବେଳେ ଏକ ମାଲ୍‌ବାହୀ ଟ୍ରକ୍ ନିୟନ୍ତ୍ରଣ ହରାଇ ଭିଡ଼ ମଧ୍ୟକୁ ଚାଲିଯିବାରୁ ୯ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ୨୦ ଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ୯ ଜଣ ମୃତକଙ୍କ ମଧ୍ୟରୁ ୬ଜଣ ଗ୍ରାମବାସୀ ଥିବାବେଳେ ୩ ଜଣ ଇଞ୍ଜିନିୟରିଂ ଛାତ୍ର ରହିଛନ୍ତି । ସେଠାକାର ପୋଲିସ୍ ଅଧିକ୍ଷକଙ୍କ କହିବା ଅନୁଯାୟୀ ୩୭୩ ନମ୍ବର ଜାତୀୟ ରାଜପଥ ଉପରେ ଏହି ଦୁର୍ଘଟଣା ଘଟିଛି । ବିପରୀତି ଦିଗରୁ ଆସୁଥିବା ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଟ୍ରକ୍ ନିୟନ୍ତ୍ରଣ ହରାଇଥିଲା । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

# ଟ୍ରମ୍ପ-ଟାରିଫ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି, ରୁଷ୍‌ରୁ ଅଶୋଧିତ ତୈଳ କିଣିବା ନେଇ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବା ଉଭୟ ଦେଶ ମଧ୍ୟରେ ସଂପର୍କକୁ ତିକ୍ତ କରିଛି । ଗତକାଲି ଏକ ଘରୋଇ ଟିଭିଚ୍ୟାନେଲ୍ ସହ ସାକ୍ଷାତକାର ଅବସରରେ ଶ୍ରୀ ଟ୍ରମ୍ପ କହିଛନ୍ତି, ତିକ୍ତତା ସତ୍ତ୍ୱେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ବୁଝାମଣା ନେଇ ସେ

ଆଶାବାଦୀ ଅଛନ୍ତି । ସେ କହିଛନ୍ତି, ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ଆମେରିକା ପାଇଁ ସହଜ ନଥିଲା । ସାକ୍ଷାତକାର ସମୟରେ ରୁଷ୍ ବିରୋଧରେ ଆମେରିକା କେଉଁଭଳି ପଦକ୍ଷେପ ନେବା ସଂପର୍କିତ ପ୍ରଶ୍ନର ଉତ୍ତରରେ ଶ୍ରୀ ଟ୍ରମ୍ପ କହିଛନ୍ତି, ରୁଷ୍ ଉପରେ ଚାପ ପ୍ରୟୋଗ କରିବାର କାରଣ ହେଉଛି ୟୁକ୍ରେନ୍ ସହ ସଂଘର୍ଷ ସମାପ୍ତ କରିବା । ଆଗାମୀ ଦିନରେ ଶୁଳ୍କ ଲାଗୁ ବ୍ୟତୀତ ରୁଷ୍ ବିରୁଦ୍ଧରେ ଅନେକ ଗୁଡ଼ିଏ କଠୋର ଅର୍ଥନୈତିକ କଟକଣା ଜାରି କରାଯିବ ବୋଲି ସେ କହିଛନ୍ତି ।

ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରତିନିଧି ତଥା ରାଷ୍ଟ୍ରଦୂତ ସର୍ଗିଓ ଗୋର୍ କହିଛନ୍ତି, ଭାରତ’ ଆମେରିକାର ଏକ ପ୍ରମୁଖ ରଣନୈତିକ ସହଭାଗୀ । ତେଣୁ ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ଏବଂ ଅର୍ଥନୈତିକ ବୁଝାମଣା ଆହୁରି ସୁଦୃଢ଼ ହେବ । ଉଭୟ ଆମେରିକା ଏବଂ ଭାରତ ବାଣିଜ୍ୟ ଚୁକ୍ତି ସଂପର୍କରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି ।

## ଜିଏସ୍‌ଟି-ରିଫର୍ମ ଫୁଡ୍ ଆଇଟମ୍

ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲ୍‌କିଲ୍ଲାରୁ ଘୋଷଣା କରିବା ପରେ ଜିଏସ୍‌ଟି ପରିଷଦ ଅନେକ ଗୁଡ଼ିଏ ସେବା ଓ ସାମଗ୍ରୀ ଉପରେ ଟିକସ ହାର ହ୍ରାସ କରିଛି । ଚଳିତମାସ ୩ ତାରିଖରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ୪ ଥାକିଆ ଜିଏସଟି ସ୍ଲାବ୍‌କୁ ପରିବର୍ତ୍ତନ କରାଯାଇ ଦୁଇଟି ମଧ୍ୟରେ ସୀମିତ ରଖାଯାଇଛି । ଅନେକଗୁଡ଼ିଏ ଦୈନନ୍ଦିନ ବ୍ୟବହାର ହେଉଥିବା ସାମଗ୍ରୀ ଉପରେ ଜିଏସଟି ହାର ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ଏହି ପରିବର୍ତ୍ତନ

ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଧାରଣ ସହଜ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାରରେ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଏବଂ ଷ୍ଟେସନାରୀ ସାମଗ୍ରୀ ଉପରେ ଜିଏସଟି ହାର ହ୍ରାସ କରିଛନ୍ତି । ପୂର୍ବରୁ ୧୨  ଏବଂ ୧୮ ପ୍ରତିଶତ ଜିଏସଟି ଲାଗୁ ହେଉଥିବା ବେଳେ ଏହାକୁ ହ୍ରାସ କରାଯାଇ ୫ ପ୍ରତିଶତ ରଖାଯାଇଥିବା ବେଳେ କେତେକ ସାମଗ୍ର ଉପରେ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ବିସ୍କୁଟ୍, ଚକୋଲେଟ୍ ଭଳି ସାମଗ୍ରୀ ଉପରେ ମାତ୍ର ୫ ପ୍ରତିଶତ ଜିଏସଟି ଲାଗୁ ହୋଇଛି ।

ଦୁଗ୍ଧଜାତ ସାମଗ୍ରୀ, ପାଉଁରୁଟି, ଚାଉଳ, ଗହମ ଓ ଡାଲି ଜାତୀୟ ପଦାର୍ଥରୁ ପ୍ରସ୍ତୁତ ଖାଦ୍ୟପଦାର୍ଥ ଉପରେ ଜିଏସଟି ସଂପୂର୍ଣ୍ଣ ଛାଡ଼ କରାଯାଇଛି । ବିଶେଷକରି ଷ୍ଟେସନାରୀ ଦ୍ରବ୍ୟ ଗୁଡ଼ିକ ଟିକସ ମୁକ୍ତ ହେବା ଫଳରେ ଛାତ୍ରଛାତ୍ରୀମାନଙ୍କୁ ଏହା ସହାୟକ ହେବ ବୋଲି କୁହାଯାଇଛି । ପେନସିଲ୍, ଇରେଜର, ନୋଟ୍‌ବୁକ୍ ଭଳି ପଦାର୍ଥ ଗୁଡ଼ିକୁ ଜିଏସଟି ପରିସର ବାହାରେ ରଖାଯାଇଛି । ସାଧାରଣ ଲୋକଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ କରିବା ଉଦ୍ଦେଶ୍ୟରେ ଜିଏସଟି ପରିଷଦ ନେଇଥିବା ନିଷ୍ପତ୍ତିକୁ ଦେଶର ଅର୍ଥନୀତି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଓ ସାଧାରଣ ଜନତା ସମର୍ଥନ କରିଛନ୍ତି ।

# କ୍ରିକେଟ୍-ଏସିଆକପ୍

ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଗ୍ରୁପ୍-ବିର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଆଜି ଭାରତୀୟ ସମୟ ରାତି ୮ଟାରେ ଆବୁଧାବିଠାରେ ମୁକାବିଲା ହେବ ।

ଗତକାଲି ଗ୍ରୁପ୍-ଏ’ର ଏକ ମ୍ୟାଚ୍‌ରେ ପାକିସ୍ତାନ’ ଓମାନକୁ ୯୩ରନ୍‌ରେ ପରାସ୍ତ କରିଛି । ଦୁବାଇଠାରେ ହୋଇଥିବା ଏହି ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୬୦ରନ୍ କରିଥିଲା । ଦଳ ପକ୍ଷରୁ ମହମ୍ମଦ ହାରିସ୍ ୬୬ ରନ୍ କରିଥିଲେ । ଓମାନ ପକ୍ଷରୁ ଶାହା ଫୈଜଲ ଓ ଅମିର କାଲିମ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ ।

୧୬୧ରନ୍ ବିଜୟ ଲକ୍ଷ୍ୟର ପିଛା କରି ଓମାନ ୧୬ ଦଶମିକ ୪ଟି ବଲ୍ ସମସ୍ତ ୱିକେଟ୍ ହରାଇ ୬୭ରନ୍ ସଂଗ୍ରହ କରିଥିଲା । ମହମ୍ମଦ ହାରିସ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।